# Sample Question Paper - 2022-23

## CLASS - X

## ODIA (013)

Time - 3 hrs                                                    Max Marks - 80

**General Instructions :**

1. The Question Paper contains 2 Parts- Part-I, Part-II & 4 Sections - M.C.Q, Reading, Writing & Literature.
2. Please check that this Question Paper Contains 14 Questions.
3. Please check that this Question Paper contains 11 Printed pages.
4. ➢Part-I contains 07 M.C.Q. questions in section A. Attempt the questions based on the specific instructions given in each question.
   ➢Part-II contains 07 descriptive questions in 3 sections. Attempt any 5 questions from Q.No.-8 in section B; 1 each from Q.No.-9 & 10 in section C; 1 each from Q.No. - 11 & 13, 2 each from Q.No.-12 & 14 from section D.
5. Please write down the serial number of the question in the answer-book before attempting it.
6. 15 minutes time has been allotted to read this Question Paper. The Question Paper will be distributed at 10.15 am. From 10.15 a.m to 10.30 a.m, the students will read the Question Paper only and will not write any answer on the answer book during this period.

## <u>Part-I</u>

## Section- A

1. ଗଦ୍ୟ ବିଭାଗରୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ ।
(ଯେ କୌଣସି ୮ଟିର) **8 x1 =08**

i. ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଆତ୍ମଜୀବନୀର ନାମ କ'ଣ ? (1)

(a) ପ୍ରବନ୍ଧ ମାନସ

(b) ମୋ ସମୟର ଓଡ଼ିଶା

(c) ଇତିହାସ ଓ କିମ୍ବଦନ୍ତୀ

(d) ସାରଳା ସାହିତ୍ୟର ଐତିହାସିକ ଚିତ୍ର

**ii.** ଗ୍ରହ, ତାରା ଓ ଉପଗ୍ରହଙ୍କ ବିଷୟରେ ଅଧ୍ୟୟନ କେଉଁ ବିଜ୍ଞାନର ଅନ୍ତର୍ଗତ ? (1)

(a) ରସାୟନ ବିଜ୍ଞାନ

(b) ଜୀବ ବିଜ୍ଞାନ

(c) ଉଦ୍ଭିଦ ବିଜ୍ଞାନ

(d) ଜଡ଼ ବିଜ୍ଞାନ

**iii.** "କେବେ ଆସିଲୁ ବାପା ?" – ଏକଥା କିଏ ପଚାରିଥିଲେ ? (1)

(a) ହାର ମାଉସୀ

(b) ସାର ମାଉସୀ

(c) ପାର ମାଉସୀ

(d) ସର ମାଉସୀ

**iv.** **ବିବେକାନନ୍ଦଙ୍କ ପ୍ରଥମ ଶିଷ୍ୟ କିଏ ?** (1)

(a) ଶରତଚନ୍ଦ୍ର

(b) ତାରକାନାଥ

(c) ସୁରେଶଚନ୍ଦ୍ର

(d) ନରେନ୍ଦ୍ରନାଥ

**v.** **ଗଣତନ୍ତ୍ରର ମୂଳମନ୍ତ୍ର କ'ଣ ?** (1)

(a)ଶିକ୍ଷା

(b) ଆଂଚଳିକ ଭାଷା

(c) ସୁବିଧା ହାସଲ

(d) ସୁଶାସନ

**vi.** **ଭୋଗବାଦ କେଉଁ ସଭ୍ୟତାର ଆଦର୍ଶ ?** (1)

(a) ଭାରତୀୟ

(b) ରୋମୀୟ

(c) ସିନ୍ଧୁ

(d) ଆଦିବାସୀ

**vii.** **ଇଂରେଜି ଶିକ୍ଷା ଶାସନର ମାଧ୍ୟମ ହୋଇ ରହିଥିବା ଯାକେ ଆଂଚଳିକ ଭାଷାଗୁଡ଼ିକ ପ୍ରତି କାହାରି ଦୃଷ୍ଟି ଫେରିବ ନାହିଁ –ଏ କଥା କିଏ ଭଲ ଭାବରେ ବୁଝିଥିଲେ ?** (1)

(a) ଗାନ୍ଧିଜୀ

(b) ରବୀନ୍ଦ୍ରନାଥ ଟାଗୋର

(c) ଗଙ୍ଗାଧର ମେହେର

(d) ଜବାହାରଲାଲ ନେହେରୁ

**viii.** **ବିବେକାନନ୍ଦଙ୍କ ହୃଦୟ କାହିଁକି ବିଗଳିତ ହୋଇଥିଲା ?** (1)

(a) ବାଇଜୀଙ୍କ ସଙ୍ଗୀତ ଶୁଣି

(b) ପାଓହାରି ବାବାଙ୍କର ସିଦ୍ଧି ଦ୍ୱାରା ଆକୃଷ୍ଟ ହୋଇ

(c) ଭୋକିଲା ଲୋକଙ୍କର ଦୁଃଖ ଦେଖି

(d) ଶ୍ରୀରାମକୃଷ୍ଣଙ୍କର ଧିକ୍‌କାର ଶୁଣି

**ix.** **ସମୂହ ଜନତା ଅଳ୍ପସମୟ ମଧ୍ୟରେ କିପରି ଶିକ୍ଷିତ ହୋଇପାରିବେ ?** (1)

(a) ଉପଯୁକ୍ତ ଶିକ୍ଷକମାନଙ୍କ ସାହାଯ୍ୟରେ

(b) ଶିକ୍ଷା ପାଇଁ ଅଧିକ ଅର୍ଥ ବ୍ୟୟ କଲେ

(c) ଇଂରାଜୀ ଭାଷା ମାଧ୍ୟମରେ

(d) ମାତୃଭାଷା ମାଧ୍ୟମରେ

**x.** **ସ୍ୱାର୍ଥର ବିଭେଦ ଥିଲେ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ କେଉଁ ଭାବ ଦେଖିବାକୁ ମିଳେ ?** (1)

(a) ରାଜନୈତିକ ସହମତି

(b) ଏକପରିବାରତ୍ୱ

(c) ସ୍ୱାର୍ଥାନ୍ୱେଷା

(d) କର୍ମକୁଣ୍ଠତା

2. **ପଦ୍ୟ ବିଭାଗରୁ ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ ।**
**(ଯେ କୌଣସି ୭ଟିର)** **7 x1 =07**

**i.** **ସିଂଘନାଦ କ'ଣ ?** (1)

(a) ସିଂହର ଗର୍ଜନ
(b) ମଇଁଷି ସିଂଘରେ ନିର୍ମିତ ଏକ ବାଦ୍ୟ
(c) ମଇଁଷିର ଗର୍ଜନ
(d) ସିଂହର ହାଡ଼ରେ ନିର୍ମିତ ଏକ ବାଦ୍ୟ

**ii.** **ମାଟି ମାଆ ତା'ର ସ୍ନେହ କାହା ମଧ୍ୟରେ ବାଣ୍ଟି ଦେଇଛି ?** (1)

(a) ଧନୀମାନଙ୍କ ମଧ୍ୟରେ
(b) ସମସ୍ତଙ୍କ ମଧ୍ୟରେ ସମାନ ଭାବରେ
(c) ଦୁଃଖୀ ଦରିଦ୍ରଙ୍କ ମଧ୍ୟରେ
(d) ପିଲାମାନଙ୍କ ମଧ୍ୟରେ

**iii.** **ଅନନ୍ତ ପଟ୍ଟନାୟକ କେଉଁ ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?** (1)

(a) ଅବାନ୍ତର
(b) ରକ୍ତଶିଖା
(c) ଛାଇର ଛିଟା
(d) ସଂଚୟନ

**iv.** **ସୀତାଙ୍କ ହୃଦୟରେ କାହାର ଚିତ୍ର ପ୍ରତିଫଳିତ ହୋଇଥିଲା ?** (1)

(a) ସୂର୍ଯ୍ୟଙ୍କର
(b) ରାମଙ୍କର
(c) ପଦ୍ମର
(d) ଉଷାଙ୍କର

**v.** **ପର୍ବତମାଳାଗୁଡ଼ିକ ଉତ୍କଳ ଜନନୀଙ୍କ ଦେହରେ କିଭଳି ଭାବେ ଶୋଭା ପାଉଛି ?** (1)

(a) ମୁକ୍ତାମାଳ ରୂପରେ
(b) ଚରଣ ପାଦୁକା ଭାବରେ
(c) ତରଙ୍ଗ ଆକାରରେ
(d) କଟୀ ମେଖଳା ହୋଇ

**vi.** **ମୁନିମୁଖ ବେଦ ସ୍ୱନକୁ କବି କାହା ସହିତ ତୁଳନା କରିଛନ୍ତି ?** (1)

(a) ଅନନ୍ତଙ୍କ ଫୁତ୍କାର
(b) ଶ୍ୟାମ ବନଭୂମିରେ ପ୍ରବାହିତ ସମୀର
(c) ସରସ୍ୱତୀଙ୍କ ବୀଣା ଝଙ୍କାର
(d) ପକ୍ଷୀଙ୍କ କାକଳି

**vii.** **କାନ୍ତକବି କେଉଁ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ ?** (1)

(a) ପୌରୁଷ

(b) ଶିଶୁଲେଖା

(c) ଝଙ୍କାର

(d) ଡଗର

**viii.** **ବୋଇତ କାହିଁକି ଥରେ ଦୃଶ୍ୟମାନ ହୋଇ ପୁଣି ଅନ୍ତର୍ହିତ ହେଉଛି ?** (1)

(a) ଅଧିକ କୁହୁଡ଼ି ଥିବାରୁ

(b) ଢେଉରେ ଉଠପଡ଼ ହେଉଥିବା ଯୋଗୁଁ

(c) ପବନ ଦିଗ ପରିବର୍ତ୍ତନ କରୁଥିବାରୁ

(d) ଅନଭିଜ୍ଞ ନୌକା ଚାଳକ ଡଙ୍ଗାକୁ ସମ୍ଭାଳି ପାରୁନଥିବା ଯୋଗୁଁ

**ix.** **କାହାର ଶଙ୍ଖଧ୍ୱନିରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ ?** (1)

(a) ଶ୍ରୀକୃଷ୍ଣ

(b) ନବଯୁଗର ତରୁଣ

(c) ମହାମାନବ

(d) ବୀର

**3.** **ଗଳ୍ପ ଓ ଏକାଙ୍କିକା ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେ କୌଣସି ୫ଟିର)** **5 x1 =05**

**i.** **ଶାମ୍ବ ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ କିପରି ମୁକ୍ତ ହୋଇଥିଲେ ?** (1)

(a) ନିୟମିତ ଔଷଧ ସେବନ କରି

(b) ଶ୍ରୀକୃଷ୍ଣଙ୍କ ଆଶୀର୍ବାଦରୁ

(c) ସୂର୍ଯ୍ୟଙ୍କୁ ପୂଜା କରି

(d) ଋଷିମାନଙ୍କୁ ସନ୍ତୁଷ୍ଟ କରି

**ii.** **ରୋଷେଇ ଘରୁ କେଉଁ ଖାଦ୍ୟର ମହକ ଶୁଙ୍ଘି ଲେଖକ ଘର ଭିତରକୁ ତାହା ଖାଇବାକୁ ଗଲେ ?** (1)

(a) ବିରିୟାନୀ

(b) ଭାତ ଡାଲମା

(c) ବରା ଘୁଘୁନି

(d) ମୁଢ଼ି କଷା ମାଉଁସ

**iii.** **କାଠୁରିଆର ଘର କେଉଁଠାରେ ?** (1)

(a) ବେତନଟୀ

(b) ଡମପଡ଼ା

(c) ବରଗଡ଼

(d) ନାଉଗାଁ

**iv.** **ମନ୍ଦିରର ପୂଜକ କିଏ ?** (1)

(a) ବନ୍ଧୁ ଷଡ଼ଙ୍ଗୀ

(b) ସୁରଜମଲ

(c) ମଧୁ ତିଆଡ଼ୀ

(d) ହରି

**v.** **''ଚକାଡ଼ୋଳା ହେ, ତୁମରି ଇଚ୍ଛା ପୂର୍ଣ୍ଣ ହେଉ ।''-ଏହା କାହାର ଉକ୍ତି ?** (1)

(a) ଆଗନ୍ତୁକଙ୍କର

(b) ଧରମା ମାଆର

(c) ବାରଶହ ବଢ଼େଇଙ୍କର

(d) ବିଶୁ ମହାରଣାଙ୍କର

**vi.** **ସୁବ୍ରତ କି ଚାକିରି କରନ୍ତି ?** (1)

(a) ଅଧ୍ୟାପକ

(b) ଡାକ୍ତର

(c) ଶିକ୍ଷକ

(d) କିରାଣି

**vii.** **ଶ୍ରୀଯୁକ୍ତ ବସନ୍ତ କୁମାର ଶତପଥୀ କେଉଁ ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ ?** (1)

(a) ପୁଅପାଇଁ ଝିଅଟିଏ

(b) ଆଣ୍ଟିରୋମାଣ୍ଟିକ

(c) ଆକାଶୀ ଫୁଲ

(d) ଗୋଟାଏ ଆଳୁ

**4.** **ରୂଢ଼ିର ଯଥାର୍ଥ ଉତ୍ତରଟି ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (ଯେ କୌଣସି ୫ଟିର) 5 x1 =05**

**i.** **ବୋଝ ଉପରେ ନଳିତା ବିଡ଼ା** (1)

(a) ବିପଦକୁ ଡାକି ଆଣିବା

(b) ଅତି ଦୁଷ୍ଟାମି କରିବା

(c) ଦୁଃଖ ଉପରେ ଦୁଃଖ

(d) ନଳିତା ବିଡ଼ାକୁ ବୋଝ କରି ବୋହିବା

**ii.** **କାନରେ ହାତଦେବା** (1)

(a) କାନରେ ନ ଶୁଣିବା କଥା

(b) ମନା କରିବା

(c) ଚାଲାକ ହେବା

(d) ଆଶ୍ଚର୍ଯ୍ୟ ହେବା

**iii.** **ହାତ ଧରିବା** (1)

(a) ଠକେଇ ଦେବା

(b) ହାତରେ କାମ କରିବା

(c) ହାତରେ ଧରି କାମ କରିବା

(d) ନେହୁରା ହେବା

**iv.** **ବାପରାଣ ଢିଙ୍କି ଗିଳ୍** (1)

(a) ଦାୟିତ୍ୱ ନ ନେବା

(b) ବାପାଙ୍କ ରାଣ ପକାଇବା

(c) ବାଧ କରିବା

(d) ଢିଙ୍କି ଗିଳିବା

**v.** **ଖୁଣ୍ଟଟା ପରି ଠିଆହେବା** (1)

(a) ଖୁଣ୍ଟ ଭଳି ଦିଶିବା

(b) ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିବା

(c) ଗୋଟିଏ ସ୍ଥାନରେ ରହି କାମ କରିବା

(d) ଯିଏ ଲମ୍ବା

**vi.** **ଆଖି ବୁଲାଇବା** (1)

(a) କଷ୍ଟସାଧ୍ୟ

(b) ମୋଟାମୋଟି ଦେଖିବା

(c) ଆଖିରେ ଚାହିଁବା

(d) ନଜର ରଖିବା

**vii.** **ଢୋଲ ଭିତରେ ମୂଷା** (1)

(a) ଢୋଲ ଭିତରେ ମୂଷା ଘର କରି ରହିବା

(b) ଢୋଲ ଭିତରେ ମୂଷା ଗୁପ୍ତରେ ରହିବା

(c) ଶତ୍ରୁ ଗୁପ୍ତରେ ଢୋଲ ଭିତରେ ଲୁଚି ରହିବା

(d) ଶତ୍ରୁ ଗୁପ୍ତରେ ଘରେ ଲୁଚି ରହିବା

**5.** **ନିମ୍ନରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଭାବେ ଦିଆଯାଇଥିବା ଶବ୍ଦଗୁଡ଼ିକରୁ ଶୁଦ୍ଧ ପ୍ରୟୋଗର ଆଧାରରେ ପ୍ରଶ୍ନଗୁଡିକର ଉତ୍ତର ଲେଖ । (ଯେ କୌଣସି ୫ଟିର)** **5 x1 =05**

**i.** (a) ସାଣ୍ମାସିକ (1)

(b) ଷାଣ୍ମାସିକ

(c) ସାଣ୍ମାଷିକ

(d) ଷଣ୍ମାସିକ

**ii.** (a) ଶୁଶ୍ରୂଷା (1)

(b) ଶୁଶ୍ରୂଷା

(c) ଶୁଶ୍ରୁସା

(d) ସୁଶ୍ରୁଷା

**iii.** (a) ଦାଶରଥୃ (1)
(b) ଦାଶରଥ୍ୟ
(c) ଦଶରଥୀ
(d)ଦଶରଥୃ

**iv.** (a) ଅହରାତ୍ର (1)
(b) ଅହରାତ୍ରି
(c) ଅହୋରାତ୍ରୀ
(d) ଅହୋରାତ୍ର

**v.** (a) କାର୍ପଣ୍ୟତା (1)
(b) କୃପଣ୍ୟତା
(c) କୃପଣତା
(d) କାର୍ପଣ

**vi.** (a) ଋଣଗ୍ରସ୍ଥ (1)
(b) ରୁଣଗ୍ରସ୍ତ
(c) ଋଣଗ୍ରସ୍ତ
(d) ରୁଣଗ୍ରସ୍ଥ

**vii.** (a) ନିର୍ଦ୍ଦୋଷୀ (1)
(b) ନିର୍ଦ୍ଦୋଷ
(c) ନିର୍ଦ୍ଦେଷ
(d) ନିର୍ଦ୍ଦୋଶ

**6.** **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେ କୌଣସି ୫ଟିର)** **5 x1 =05**

**i.** **କେଉଁ ଛନ୍ଦରେ ତୃତୀୟ,ଷଷ୍ଠ, ନବମ ଓ ଶେଷ ଅକ୍ଷରରେ ଯତିପାତ ହୁଏ ?** (1)
(a) ନଟବାଣୀ
(b) ରାମକେରୀ
(c) ଭାଗବତବାଣୀ
(d) ବଙ୍ଗଳାଶ୍ରୀ

**ii.** **ଭାଗବତବାଣୀ ଛନ୍ଦରେ କେଉଁ ଅକ୍ଷରରେ ଯତିପାତ ହୁଏ ?** (1)
(a) ଚତୁର୍ଥ,ପଞ୍ଚମ ଓ ଷଷ୍ଠ
(b) ତୃତୀୟ,ଷଷ୍ଠ, ନବମ ଓ ଦ୍ୱାଦଶ
(c) ତୃତୀୟ, ପଞ୍ଚମ ଓ ଦଶମ
(d) ତୃତୀୟ, ପଞ୍ଚମ ଓ ନବମ

**iii.** **ବଙ୍ଗଳାଶ୍ରୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?** (1)
(a) ୯
(b) ୧୬
(c) ୧୮
(d) ୨୦

**iv.** **କେଉଁ ଛନ୍ଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ ?** (1)

(a) ଭାଗବତବାଣୀ

(b) ବଙ୍ଗଳାଶ୍ରୀ

(c) ନଟବାଣୀ

(d) ରାମକେରୀ

**v.** **କେଉଁ ଛନ୍ଦର ଅନ୍ୟନାମ ବିଭାସକେଦାର ?** (1)

(a) ରାମକେରୀ

(b) ବଙ୍ଗଳାଶ୍ରୀ

(c) ନଟବାଣୀ

(d) ଭାଗବତବାଣୀ

**vi.** **ଭାଗବତ ବାଣୀ ଛନ୍ଦର ଅନ୍ୟ ନାମ କ'ଣ ?** (1)

(a) ବିଭାସକେଦାର

(b) ନବାକ୍ଷରୀ

(c) ଦରବାରୀ

(d) ରାମକେରୀ

**vii.** **'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ** (1)

**ପଦ୍ମୁ ଗଳୁଛି ମକରନ୍ଦ' - କେଉଁ ଛନ୍ଦର ଅନ୍ତର୍ଗତ ?**

(a) ବଙ୍ଗଳାଶ୍ରୀ

(b) ରାମକେରୀ

(c) ଭାଗବତବାଣୀ

(d) ନଟବାଣୀ

**7.** **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେ କୌଣସି ୫ଟିର)** **5 x1 =05**

**i.** **ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଯୌଗିକ ବାକ୍ୟ ?** (1)

(a) ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବାଟା ଓଡ଼ିଶା ପାଇଁ ବିପଦ ।

(b) ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୁଏ ଓ ଓଡ଼ିଶା ପାଇଁ ବିପଦ ଆସେ ।

(c) ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇ ଓଡ଼ିଶା ପାଇଁ ବିପଦ ଆଣେ ।

(d) ଯେତେବେଳେ ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୁଏ ସେତେବେଳେ ଓଡ଼ିଶା ପାଇଁ ବିପଦ ଆସେ ।

**ii.** **ଯେଉଁ ଛାତ୍ର ଜାଣିବାକୁ ଇଛା କରିବ,ସେ ବିଦ୍ୟାଲାଭ କରିବ ।– ଏହି ବାକ୍ୟଟିକୁ ସରଳ ବାକ୍ୟରେ କ'ଣ କୁହାଯିବ ?** (1)

(a) ଯେଉଁ ଛାତ୍ର ଜାଣିବାକୁ ଇଛା କରିବ, ସେ ଛାତ୍ର ବିଦ୍ୟା ଲାଭ କରିବ ।

(b) ଛାତ୍ର ଜାଣିବାକୁ ଇଛା କରିବ ଓ ବିଦ୍ୟାଲାଭ କରିବ ।

(c) ଯଦି ଛାତ୍ର ଜାଣିବାକୁ ଇଛା କରିବ ତେବେ ସେ ବିଦ୍ୟାଲାଭ କରିବ ।

(d)ଜାଣିବାକୁ ଇଛା କରୁଥିବା ଛାତ୍ର ବିଦ୍ୟାଲାଭ କରିବ ।

**iii.** **ଚତୁର ଲୋକମାନେ ସବୁଠାରେ ଜିତନ୍ତି –ଏହି ବାକ୍ୟକୁ ଜଟିଳ ବାକ୍ୟରେ ପରିଣତ କର ।**(1

(a) ଜଣେ ଚତୁର ହେଲେ ସବୁଠାରେ ଜିତି ପାରିବ ।

(b)ଚତୁର ହୁଅ ସବୁଠାରେ ଜିତ ।

(c) ଯେଉଁମାନେ ଚତୁର, ସେମାନେ ସବୁଠାରେ ଜିତନ୍ତି ।

(d) ଯଦିଓ ଜଣେ ଚତୁର ହୁଏ, ସେ ସବୁଠାରେ ଜିତିପାରେ ନାହିଁ ।

**iv.** **ନିମ୍ନଲିଖିତ କେଉଁ ବାକ୍ୟଟି ଏକ ସରଳ ବାକ୍ୟ ?** (1)

(a) ଯଦି ପାଠ ପଢ଼ିବ ତେବେ ପେନ୍ସିଲ୍ ,ରବର ଓ ସ୍କେଲ୍ ନେଇ ଆସ ।

(b) ପାଠ ପଢ଼ିବା ପାଇଁ ପେନ୍ସିଲ୍ ଆଣ ,ରବର ଓ ସ୍କେଲ୍ ଆଣ ।

(c) ପାଠ ପଢ଼ିବ । ସେଥିପାଇଁ ପେନ୍ସିଲ୍ ,ରବର ଓ ସ୍କେଲ୍ ନେଇ ଆସ ।

(d)ପାଠ ପଢ଼ିବା ପାଇଁ ପେନ୍ସିଲ୍ ,ରବର ଓ ସ୍କେଲ୍ ନେଇ ଆସ ।

**v.** **ଯଦିଓ ମୁଁ ଘରେ ଅଛି, ଭଲ ଭାବରେ ପାଠ ପଢୁଛି । -ଏହାକୁ ଯୌଗିକ ବାକ୍ୟରେ କ'ଣ କୁହାଯିବ ?**

(a) ମୁଁ ଘରେ ଅଛି ଓ ଭଲ ଭାବରେ ପାଠ ପଢୁଛି । (1)

(b) ମୁଁ ଘରେ ଥାଇ ଭଲ ଭାବରେ ପାଠ ପଢ଼ିପାରୁନାହିଁ ।

(c) ମୁଁ ଘରେ ଥାଇ ମଧ୍ୟ ଭଲ ଭାବରେ ପାଠ ପଢୁଛି ।

(d) ଯେହେତୁ ମୁଁ ଘରେ ଅଛି, ଭଲ ଭାବରେ ପାଠ ପଢୁଛି ।

**vi.** **ପେଟ୍ରୋଲ ଦର ବଢ଼ିଲା ତେଣୁ ଲୋକମାନେ ଆନ୍ଦୋଳନ କଲେ । - ଏହାକୁ ଜଟିଳ ବାକ୍ୟରେ କ'ଣ କୁହାଯିବ ?** (1)

(a) ପେଟ୍ରୋଲ ଦର ବଢ଼ିବାରୁ ଲୋକମାନେ ଆନ୍ଦୋଳନ କଲେ ।

(b) ଯେହେତୁ ପେଟ୍ରୋଲ ଦର ବଢ଼ିଲା ସେହେତୁ ଲୋକମାନେ ଆନ୍ଦୋଳନ କଲେ ।

(c) ଯଦି ପେଟ୍ରୋଲ ଦର ବଢ଼ିବ ଲୋକମାନେ ଆନ୍ଦୋଳନ କରିବେ ।

(d) ପେଟ୍ରୋଲ ଦର ବଢ଼ିଲା ଓ ଲୋକମାନେ ଆନ୍ଦୋଳନ କଲେ ।

## Part-II
## Section- B

**8.** **ନିମ୍ନ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (ଯେ କୌଣସି ୫ଟିର)** **5 x2 =10**

ଛାତ୍ରର ଇଚ୍ଛାଶକ୍ତିକୁ ଅଧିକ କ୍ରିୟାଶୀଳ କରିବା ଲାଗି ଛାତ୍ରର ସ୍ୱାଧୀନତା ଦରକାର ,ସଂଯମ ଦରକାର । ଯାହାର ସ୍ୱାଧୀନତା ନାହିଁ, ତାହାର କୌଣସି ଇଚ୍ଛା ହିଁ ନାହିଁ । ସ୍ୱାଧୀନତା ଅର୍ଥାତ୍ ଆପେ ବାଛି ନେଇଥିବା ବାଟରେ ବିକାଶ ଆଡ଼କୁ ଯିବାର ପ୍ରଚେଷ୍ଟା । ଆପଣା ବାଟରେ ଚାଲିବାର ସମ୍ଭାବନାଗୁଡ଼ିକୁ ଅଧିକ ସହଜ କରି ପାରିବା ଲାଗି ପ୍ରତ୍ୟେକ ମନୁଷ୍ୟର ଜୀବନରେ ସଂଯମ ଲାଗି ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଥିବା ଆବଶ୍ୟକ । କାରଣ ସ୍ୱାଧୀନତା ବନ୍ଧନହୀନତା ନୁହେଁ । ସଂଯମ ନଥିଲେ ଆମର ସ୍ୱାଧୀନତା କେବଳ ଏକ ନାସ୍ତିବାଚକ ଅନଧୀନତା ବା ଶୃଙ୍ଖଳାହୀନତାରେ ହିଁ ସୀମାବଦ୍ଧ ହୋଇ ରହିଥାଏ । ସଂଯମ ବା ଅନୁଶାସନର ମଧ୍ୟ ସୀମା ରହିବା ଦରକାର । ସୀମାତିରିକ୍ତ ହୋଇଗଲେ ଅନୁଶାସନ ମଧ୍ୟ ବିକାଶର ବାଧକ ପରି କାର୍ଯ୍ୟକରେ । ଆମ ଅନୁଶାସନ ବ୍ୟବସ୍ଥାରେ ଛାତ୍ରକୁ ଦବାଇ କରି ରଖିବାର ଭାବନା ଯେତେ କମ୍ ରହିବ ,ତାହା ସେତେ ଭଲ ହେବ ।ଅନୁଶାସନର ଗତି ଅଧିକ ଶାସନ ଆଡ଼କୁ ନୁହେଁ ଆତ୍ମଶାସନ ଆଡ଼କୁ ହେବା ଉଚିତ୍ ।କେବଳ ରୋକି ରଖିବା,କେବଳ ଶାସନ କରିବା ବା କେବଳ ଦବାଇ କରି ରଖିବା ଦ୍ୱାରା କଦାପି କାମ ଚଳିବନାହିଁ । ଶ୍ରୀଯୁକ୍ତ କୃଷ୍ଣମୂର୍ତ୍ତିଙ୍କ ଭାଷାରେ କହିଲେ ଆମଠାରେ ଶ୍ରଦ୍ଧାର ଅଭାବ ରହିଥାଏ, ସେହି କାରଣରୁ ଆମେ ଅନୁଶାସନ ଦ୍ୱାରା ସେହି ଅଭାବଟି ପୂରଣ କରିବାର ଚେଷ୍ଟାରେ ଲାଗିଯାଉ । ଶ୍ରଦ୍ଧାହୀନ ଅନୁଶାସନ ଦ୍ୱାରା ଛାତ୍ରମନରେ ରହିଥିବା ଭୟ ହୁଏତ ଦବି ରହିଯାଏ, ମାତ୍ର ଏହା ଛାତ୍ରକୁ କଦାପି ନିର୍ଭୟ କରିପାରେ ନାହିଁ । କେବଳ ଶ୍ରଦ୍ଧା ହିଁ ନିର୍ଭୟତା ଆଣି ଦେଇପାରେ । ସ୍ୱଚ୍ଛନ୍ଦରେ ବହିଯିବା ଲାଗି ଛାତ୍ରର ପ୍ରାଣଶକ୍ତିକୁ ଯଥେଷ୍ଟ ସୁସ୍ଥ ଅବସର ମିଳିବା ଆବଶ୍ୟକ । ଶୁଭ ବାସନାଗୁଡ଼ିକ ଲାଗି ଯଥେଷ୍ଟ ଅବସର ମିଳିପାରିଲେ, ଅଶୁଭ ବାସନାଗୁଡ଼ିକ କ୍ରମେ କ୍ଷୀଣ ହୋଇ ଯାଇପାରିବ । ଯେତେବେଳେ ଛାତ୍ର ଆତ୍ମସଂଯମ ବଳରେ

ବିଶ୍ୱାସର ସହ ସ୍ୱକୀୟ ବିକାଶ ପଥରେ ବାଟ ଚାଲିବା ଲାଗି ଏକ ସ୍ୱାଭାବିକ ଆଗ୍ରହ ପ୍ରକଟ କରିବାକୁ ଲାଗେ,ସେତେବେଳେ ଆମର ଶ୍ରଦ୍ଧା ହିଁ ଜିତେ ଏବଂ ଆମ ଅନୁଶାସନର ଅଗ୍ନିପରୀକ୍ଷା ବି ହୋଇଯାଏ ।

(a) ଛାତ୍ରର ଇଚ୍ଛାଶକ୍ତିକୁ ଅଧିକ କ୍ରିୟାଶୀଳ କରିବା ଲାଗି କ'ଣ କ'ଣ ଆବଶ୍ୟକ ?

(b) ସ୍ୱାଧୀନତା ସହ ସଂଯମ କିପରି ଭାବରେ ସଂପର୍କିତ ?

(c) ସୀମାତିରିକ୍ତ ଅନୁଶାସନ ଛାତ୍ରର କେଉଁ ପ୍ରକାର କ୍ଷତି ଘଟାଇଥାଏ ?

(d) ଶ୍ରଦ୍ଧାହୀନ ଅନୁଶାସନ ଦ୍ୱାରା କ'ଣ ହୁଏ ?

(e) ଅଶୁଭ ବାସନାଗୁଡ଼ିକ କିପରି କ୍ଷୀଣ ହୋଇ ଯାଇପାରିବ ?

(f) ଆମର ଶ୍ରଦ୍ଧା କେତେବେଳେ ଜୟଲାଭ କରିବ ?

(g) ଅନୁଶାସନର ଗତି କିପରି ହେବା ଉଚିତ୍ ?

## Section- C

**9.** **ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।** 6

(a) ପର୍ଯ୍ୟଟନ ଶିଳ୍ପର ବିକାଶ

(b) ବିଜ୍ଞାନର ଯଥାର୍ଥ ଉପଯୋଗ

(c) ଭାରତର ଖାଦ୍ୟ ସମସ୍ୟା

**10.** ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମକୁ ପ୍ରଶଂସା କରି ସ୍ଥାନୀୟ ସମ୍ବାଦପତ୍ରର ସଂପାଦକଙ୍କ ନିକଟକୁ ଏକ ପତ୍ର ଲେଖ । 6

**କିମ୍ବା**

ଧନ୍ଦାମୂଳକ ଶିକ୍ଷାକୁ ସ୍କୁଲଶିକ୍ଷାରେ ବାଧ୍ୟତାମୂଳକ କରିବା ପ୍ରସଙ୍ଗରେ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କ ନିକଟକୁ ପତ୍ର ଲେଖ ।

(**ବି.ଦ୍ର** -ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## Section- D

**11.** **ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** **5**

(a) ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

(b) ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

**12.** **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୨ଟିର)** **2 x2 =4**

(a) କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

(b) ଜନ୍ମଭୂମିର କେଉଁ ରୂପ ଲେଖକଙ୍କ ଆଖି ଆଗରେ ଭାସିଯାଏ ?

(c) ସମାଧିରେ ବୁଡ଼ି ନ ଯିବାପାଇଁ ଶ୍ରୀରାମକୃଷ୍ଣ ନରେନ୍ଙ୍କୁ କାହିଁକି କହିଥିଲେ ?

**13.** **ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** **5**

(a) ଜନମ କାଳୁ ଯେ ଦେହେ ତୋ ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।

(b) ସଂକଟ କାଳେ ତୁମ୍ଭନ୍ତ ଉଦ୍ଧାରନ୍ତି ପୁଣ
ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ ।

**14.** **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୨ଟିର)** **2 x2 =4**

(a) ସମୁଦ୍ର କୂଳ କେଉଁ କେଉଁ ବୃକ୍ଷ ଦ୍ୱାରା ସୁଶୋଭିତ ?

(b) ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?

(c) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

***